Candidate must not write on this margin.

# CSM—61/24

## PART—II/PAPER—VII

## PUBLIC ADMINISTRATION

## ଲୋକ ପ୍ରଶାସନ

## PAPER—II

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି ।

### GROUP—A

### ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ ।

1. Discuss the complementary roles of the Comptroller and Auditor General (CAG) and the Public Accounts Committee (PAC) in promoting transparency and accountability in Public Finance.

   ସାର୍ବଜନୀନ ଅର୍ଥନୀତିରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ମହାଲେଖାକାର (CAG) ଏବଂ ଲୋକ ଲେଖା ସମିତି (PAC)ର ପରିପୂରକ ଭୂମିକା ବିଷୟରେ ଆଲୋଚନା କର ।

Candidate must not write on this margin.

**2.** To what extent has the institution of Lokpal fulfilled its intended role as an independent anti-corruption ombudsman in India? Discuss the reasons for its limited visibility and impact since its formation.

ଲୋକପାଳ ପ୍ରତିଷ୍ଠାନ ଭାରତରେ ଏକ ସ୍ୱାଧୀନ ଦୁର୍ନୀତି ବିରୋଧୀ ଲୋକପାଳ ଭାବେ କେତେ ଦୂର ଏହାର ଉଦ୍ଦେଶ୍ୟମୂଳକ ଭୂମିକା ପୂରଣ କରିଛି? ଗଠନ ପରଠାରୁ ଏହାର ସୀମିତ ଦୃଶ୍ୟମାନତା ଏବଂ ପ୍ରଭାବର କାରଣ ଆଲୋଚନା କର ।

**3.** Discuss how the 'JAGA Mission' exemplifies inclusive, sustainable urban development and community-led transformation in Odisha.

'ଜାଗା ମିଶନ' ଓଡ଼ିଶାରେ କିପରି ଅନ୍ତର୍ଭୁକ୍ତିମୂଳକ, ସ୍ଥାୟୀ ସହରାଞ୍ଚଳ ବିକାଶ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ପରିବର୍ତ୍ତନର ଉଦାହରଣ ଦିଏ ତାହା ଆଲୋଚନା କର ।

**4.** Examine the nature and extent of transition in India's land revenue administration from the Mughal to the British period.

ମୋଗଲ ଶାସନ ଠାରୁ ବ୍ରିଟିଶ ଶାସନ ପର୍ଯ୍ୟନ୍ତ ଭାରତରେ ଭୂ-ରାଜସ୍ୱ ପ୍ରଶାସନରେ ପରିବର୍ତ୍ତନର ପ୍ରକୃତି ଏବଂ ପରିସର ବିଶ୍ଳେଷଣ କର ।

**5.** Examine the role of NITI Aayog as a policy think tank of the Government of India.

ଭାରତ ସରକାରଙ୍କ ନୀତି ବିଶେଷଜ୍ଞ ମଣ୍ଡଳୀ ଭାବେ ନୀତି ଆୟୋଗର ଭୂମିକା ବିଶ୍ଳେଷଣ କର ।

**6.** Discuss the structural changes brought about by the introduction of Information and Communication Technologies (ICTs) in district administration in Odisha with suitable examples.

ଓଡ଼ିଶାର ଜିଲ୍ଲା ପ୍ରଶାସନରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ICTs) ପ୍ରଚଳନ ଦ୍ୱାରା ହୋଇଥିବା ସାଂରଚନିକ ପରିବର୍ତ୍ତନଗୁଡ଼ିକୁ ଉପଯୁକ୍ତ ଉଦାହରଣ ସହ ଆଲୋଚନା କର ।

**7.** Explain how the Digital India Programme marked the shift from e-Governance to Digital Governance.

ଡିଜିଟାଲ ଭାରତ କାର୍ଯ୍ୟକ୍ରମ କିପରି ଇ-ଗଭର୍ଣ୍ଣାନ୍ସରୁ ଡିଜିଟାଲ ଗଭର୍ଣ୍ଣାନ୍ସକୁ ପରିବର୍ତ୍ତନର ସୂଚକ ହେଲା ବ୍ୟାଖ୍ୟା କର ।

8. Analyse the relationship between the State Secretariat and the Directorate and highlight the functional complementarity and areas of conflict.

ରାଜ୍ୟ ସଚିବାଳୟ ଓ ନିର୍ଦ୍ଦେଶାଳୟ ମଧ୍ୟରେ ସମ୍ପର୍କ ବିଶ୍ଳେଷଣ କର ଏବଂ କାର୍ଯ୍ୟକ୍ଷମ ପରିପୂରକତା ଓ ଦ୍ୱନ୍ଦ୍ୱର କ୍ଷେତ୍ରଗୁଡ଼ିକୁ ପରିପ୍ରକାଶ କର ।

9. Examine how financial inclusion has emerged as a tool of social and economic empowerment for the Scheduled Castes in India.

ଆର୍ଥିକ ଅନ୍ତର୍ଭୁକ୍ତି ଭାରତରେ ଅନୁସୂଚିତ ଜାତି ପାଇଁ ସାମାଜିକ ଏବଂ ଅର୍ଥନୈତିକ ସଶକ୍ତିକରଣରେ ଏକ ଉପକରଣ ଭାବେ କିପରି ଉଭା ହୋଇଛି ତାହା ବିଶ୍ଳେଷଣ କର ।

10. Should the generalist character of the All-India Services be replaced by domain specialization and lateral entry for achieving good governance? Discuss with arguments for and against.

ସୁଶାସନ ହାସଲ ପାଇଁ ସର୍ବଭାରତୀୟ ସେବାର ସାଧାରଣବାଦୀ ଚରିତ୍ରକୁ ଡୋମେନ୍ ବିଶେଷଜ୍ଞତା ଏବଂ ପାର୍ଶ୍ୱିକ ପ୍ରବେଶ ଦ୍ୱାରା ବଦଳାଯିବା ଉଚିତ୍ କି? ସପକ୍ଷ ଏବଂ ବିପକ୍ଷରେ ଯୁକ୍ତି ସହିତ ଆଲୋଚନା କର ।

11. Critically evaluate the role of the Odisha Human Rights Commission (OHRC) in safeguarding Human Rights at the State level.

ରାଜ୍ୟ ସ୍ତରରେ ମାନବାଧିକାର ସୁରକ୍ଷାରେ ଓଡ଼ିଶା ମାନବାଧିକାର କମିଶନ (OHRC) ର ଭୂମିକାକୁ ସମାଲୋଚନାତ୍ମକ ମୂଲ୍ୟାଙ୍କନ କର ।

12. Analyse the policy of asset monetisation as an instrument for infrastructure financing and enhancing public sector efficiency in India.

ଭାରତରେ ଭିତ୍ତିଭୂମି ଆର୍ଥିକ ସହାୟତା ଏବଂ ସାର୍ବଜନୀନ କ୍ଷେତ୍ରର ଦକ୍ଷତା ବୃଦ୍ଧି ପାଇଁ ଏକ ଉପକରଣ ଭାବେ ପରିସମ୍ପତ୍ତି ମୁଦ୍ରାକରଣ ନୀତିର ବିଶ୍ଳେଷଣ କର ।

**Candidate must not write on this margin.**

Candidate must not write on this margin.

## GROUP—B

## ଗ୍ରୁପ୍—B

*Candidates to attempt* **05** ***(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** The merger of the District Rural Development Agency (DRDA) with Zilla Parishads in Odisha marks a paradigm shift from bureaucratic control to democratic decentralization. Discuss.

ଜିଲ୍ଲା ଗ୍ରମୀଣ ବିକାଶ ସଂସ୍ଥା (DRDA)ର ଓଡ଼ିଶା ଜିଲ୍ଲା ପରିଷଦ ସହ ମିଶ୍ରଣ, ଅମଲାତାନ୍ତ୍ରିକ ନିୟନ୍ତ୍ରଣରୁ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଆଡ଼କୁ ଏକ ମୌଳିକ ପରିବର୍ତ୍ତନ, ଆଲୋଚନା କର ।

**14.** Discuss the administrative and technological reforms introduced by the Central Board of Direct Taxes (CBDT) to enhance transparency, efficiency and taxpayer services in India.

ଭାରତରେ ସ୍ୱଚ୍ଛତା, ଦକ୍ଷତା ଏବଂ କରଦାତା ସେବା ବୃଦ୍ଧି କରିବା ପାଇଁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (CBDT) ଦ୍ୱାରା ପ୍ରଚଳିତ ପ୍ରଶାସନିକ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍କାର ବିଷୟରେ ଆଲୋଚନା କର ।

**15.** What major changes occurred in the recommendations of the Finance Commission with regard to indirect taxes after the introduction of the GST Council in 2016?

2016 ରେ ଜିଏସ୍‌ଟି ପରିଷଦ ପ୍ରଚଳନ ପରେ ପରୋକ୍ଷ କର ସମ୍ପର୍କରେ ଅର୍ଥ ଆୟୋଗଙ୍କ ସୁପାରିଶରେ କେଉଁ ପ୍ରମୁଖ ପରିବର୍ତ୍ତନ ଘଟିଛି?

**16.** "India's disaster governance efforts reflect a shift from response to resilience." Explain with reference to key policy initiatives and institutional reforms.

"ଭାରତର ବିପର୍ଯ୍ୟୟ ଶାସନ ପ୍ରୟାସ ପ୍ରତିକ୍ରିୟାରୁ ସ୍ଥିରତା ଦିଗରେ ପରିବର୍ତ୍ତନକୁ ପ୍ରତିଫଳିତ କରେ ।" ପ୍ରମୁଖ ନୀତିଗତ ପଦକ୍ଷେପ ଏବଂ ସଂସ୍ଥାଗତ ସଂସ୍କାର ପରିପ୍ରେକ୍ଷୀରେ ଏହାର ବ୍ୟାଖ୍ୟା କର ।

Candidate must not write on this margin.

**17.** "The institution of the Governor reflects inherent tensions in Indian federalism and calls for structural reforms." In light of the above statement, discuss the recommendations of the Sarkaria (1988), Punchhi (2010) Commissions and recent judgement of the Supreme Court.

"ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଭାରତୀୟ ସଂଘୀୟତାରେ ଅନ୍ତର୍ନିହିତ ଉତ୍ତେଜନାକୁ ପ୍ରତିଫଳିତ କରିବା ସହ ସାଂରଚନିକ ସଂସ୍କାର ପାଇଁ ଆହ୍ୱାନ କରେ ।" ଉପରୋକ୍ତ ବିବୃତ୍ତି ପରିପ୍ରେକ୍ଷୀରେ ସରକାରିଆ (1988) ପୁଞ୍ଛି (2010) ଆୟୋଗଙ୍କ ଏବଂ ସୁପ୍ରିମ କୋର୍ଟ ନିକଟରେ ଦେଇଥିବା ସୁପାରିଶ ଆଲୋଚନା କର ।

**18.** Discuss how Kerala's People's Plan Campaign has strengthened the functioning of District Planning Committees (DPCs) envisaged under Article 243ZD of the Constitution.

କେରଳର ପିପୁଲ୍ ପ୍ଲାନ୍ ଅଭିଯାନ ସମ୍ବିଧାନର ଧାରା 243ZD ଅନୁଯାୟୀ କଳ୍ପନା କରାଯାଇଥିବା ଜିଲ୍ଲା ଯୋଜନା ସମିତି (DPCs)ର କାର୍ଯ୍ୟକୁ କିପରି ସୁଦୃଢ଼ କରିଛି ତାହା ଆଲୋଚନା କର ।

★★★

## SPACE FOR ROUGH WORK

Candidate must not write on this margin.